୨/୪/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୦୮,୭୭୧/-
ସୁନା:୦୧.୭୦୦ ଗ୍ରାମ୍
ରୁପା: ୪୬.୩୦୦ ଗ୍ରାମ୍





ଅମାନିଆ ପର୍ଯ୍ୟଟକ

# ହାତରେ ବିଅର ବୋତଲ ଧରି ସମୁଦ୍ରରେ ଗାଧୋଇଲେ



ପୁରୀ,୨ା୪(ସମିସ): ପୁରୀ ସମୁଦ୍ରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। କେତେବେଳେ ବୁଡ଼ିଯାଇ ପର୍ଯ୍ୟଟକ ପ୍ରାଣ ହରାଉଛନ୍ତି ତ ପୁଣି କେତେବେଳେ ଲହଡ଼ି ମାଡ଼ରେ ଆହତ ହେଉଛନ୍ତି। ଏମିତି ବି ଅନେକ ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ବେଳେବେଳେ ରିପ୍ କରେଣ୍ଟ ମଧ୍ୟ ଘାତକ ସାଜୁଛି। ୪ ଦିନ ମଧ୍ୟରେ ୩ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିବାବେଳେ ଏବେ ସମୁଦ୍ର ସ୍ନାନକୁ ନେଇ ଅନେକ ମଧ୍ୟ ଭୟ କରୁଛନ୍ତି। ହେଲେ ଏମିତି କିଛି ପର୍ଯ୍ୟଟକ ଅଛନ୍ତି ଯେଉଁମାନେ ଅମାନିଆ ହୋଇ ସମୁଦ୍ରରେ ସ୍ନାନ କରୁଛନ୍ତି। ସେମାନେ ଲାଇଫ୍‌ଗାର୍ଡଙ୍କ କଥା ଶୁଣୁ ନ ଥିବାବେଳେ ପ୍ରଶାସନର ସୂଚନାକୁ ମଧ୍ୟ ଭ୍ରୂକ୍ଷେପ କରି ନ ଥା'ନ୍ତି। ଏମିତି କି ନିଶା ସେବନ କରି ଗାଧୋଇଥା'ନ୍ତି। ଫଳରେ ଅନେକ ସମୟରେ ଏହିଭଳି ପର୍ଯ୍ୟଟକ ଦୁର୍ଘଟଣାର ଶିକାର ହେବା ଅନେକ ନଜିର୍ ରହିଛି। ଗୁରୁବାର ପୁରୀ ସମୁଦ୍ରରେ ମଧ୍ୟ ଏମିତି କିଛି ଅମାନିଆ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଛି। ଯେଉଁମାନେ ହାତରେ ବିଅର ବୋତଲ ଧରି ସମୁଦ୍ରରେ ସ୍ନାନ କରୁଥିଲେ। ସେମାନଙ୍କୁ ଲାଇଫ୍‌ଗାର୍ଡମାନେ ଯେତେ କହିଲେ ବି ଶୁଣୁ ନ ଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ବାରଣ କରିବା ପରେ ସେମାନେ ଆସିଥିଲେ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯଦି କିଛି ଅଘଟଣ ଘଟିଥା'ନ୍ତା ତେବେ ବଦନାମ୍ ହୋଇଥା'ନ୍ତା କିଏ? ପ୍ରଶାସନ, ଲାଇଫ୍‌ଗାର୍ଡ, ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅନେକ ପ୍ରଶ୍ନ କରିଥାନ୍ତେ। ଏମିତି ଅନେକ ଅମାନିଆ ପର୍ଯ୍ୟଟକ ଆସୁଛନ୍ତି, ଯେଉଁମାନେ ଲାଇଫ୍‌ଗାର୍ଡଙ୍କ କଥା ଶୁଣୁନାହାନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ। ପର୍ଯ୍ୟଟକମାନେ ଲାଇଫ୍‌ଗାର୍ଡଙ୍କ କଥା ଶୁଣିଲେ ସ୍ନାନଜନିତ ଦୁର୍ଘଟଣା ରୋକାଯାଇପାରନ୍ତା ବୋଲି କହିଛନ୍ତି।

## ଚୈତ୍ର ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

ପୁରୀ,୨ା୪(ସମିସ): ଜୀବନ ବେଦର ଅନ୍ତଡ଼ିଶାଳ କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି ପ୍ରତି ମାସ ଭଳି ଏ ମାସରେ ମଧ୍ୟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଦ୍ରି ମିଶ୍ରଙ୍କ ମାର୍ଗଦର୍ଶନରେ ସୁରେଶ କୁମାର ଦିକ୍ଷୀତ ଆଳତି ସମ୍ପାଦନ



କରିଥିଲେ। ସୁଭାଶିଷ କର, ଭବାନୀ ଶଙ୍କର ତ୍ରିପାଠୀ ଆଳତିରେ ସହଯୋଗ କରିଥିଲେ। ଗ୍ରାମର ମହାଜନମାନଙ୍କ ସହିତ ଅନେକ ଭକ୍ତ ଆଳତିରେ ଯୋଗଦେଇଥିଲେ। ମନୋରମା ପ୍ରଧାନଙ୍କ ସହିତ ମାଆମାନେ ନାମସଂକୀର୍ତ୍ତନରେ ଭାଗ ନେଇଥିଲେ। ଗଙ୍ଗାଧର କର, ଗୋପାଳ କର, ଦ୍ୱାରିକାନାଥ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବାନାମ୍ବର ପରିଡ଼ା, ଜିତେନ୍ଦ୍ରିୟ ଦାସ, ଗଣେଶ ବେହେରାଙ୍କ ସହିତ ଅନେକ ଭକ୍ତଙ୍କ ଉପସ୍ଥିତି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଆଗାମୀ ଦିନରେ ଏହି ଆଳତି ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବ ବୋଲି ସେବକ ପ୍ରଶାନ୍ତ ତ୍ରିପାଠୀ କହିଥିଲେ। ଦୁର୍ଗାମାଧବ କର, ଶିବ ପ୍ରସାଦ ପତି, ଆଶ୍ୱିନ କୁମାର କର ଭାର୍ଗବୀ ଆଳତି ଆମ ମାଟିର ଏକ ଜାତୀୟ ପର୍ବ ହୋଇପାରିବ ବୋଲି ମତ ରଖିଥିଲେ। ଦିବ୍ୟ ଆଳତି ପରେ ଭକ୍ତମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଆଙ୍ଗ୍ଲୋ-ବେଦିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପୁରୀ,୨ା୪(ସମିସ): ସ୍ୱାମୀ ବିବେକାନନ୍ଦ ଆଙ୍ଗ୍ଲୋ-ବେଦିକ ବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନଶିକ୍ଷକ ପଦ୍ମନାଭ ତ୍ରିପାଠୀ ସଭାପତିତ୍ୱ କରିବା ସହ ସ୍ୱାମୀ ବିବେକାନନ୍ଦ ଆଙ୍ଗ୍ଲୋ-ବେଦିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ଅନେକ କୁନି କୁନି ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶୀ, ଲୋକନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମ ପିଲାଙ୍କ ମନରେ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଲୋକମାନଙ୍କୁ ରୋଚକପୂର୍ଣ୍ଣ ଭାବ ପ୍ରଦାନ କରିଥିଲା। ଏହା କେବଳ ଏକ ସାଂସ୍କୃତିକ ପ୍ରତିଯୋଗିତା ନୁହେଁ ବରଂ କୁନି ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ମହନୀୟ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଅଧ୍ୟାପକ ଅନନ୍ତ ବେହେରା ଦିବଂଗତ ନୃତ୍ୟଗୁରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ରଚିତ ଏକ ବିରଳ ସୃଷ୍ଟି ଶ୍ରୀରାଧାଙ୍କ ମାନଭଞ୍ଜନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଭିନୟ କରିଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ଟେଲିକମ୍ ସେବାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ



ପୁରୀ,୨ା୪(ସମିସ): ରଥଯାତ୍ରା ସମୟରେ ଟେଲିକମ୍ ସେବାର ଗୁରୁତ୍ୱ ଅଧିକ। ବିଏସ୍‌ଏନ୍‌ଏଲ୍ ସହ ବିଭିନ୍ନ ଟେଲିକମ୍ କମ୍ପାନୀ ସେମାନଙ୍କ ସେବା ପ୍ରଦାନକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସର୍କିଟ୍ ହାଉସ୍‌ଠାରେ ଆଗାମୀ ରଥଯାତ୍ରା ସମୟରେ ଟେଲିକମ୍ ସେବା ପ୍ରଦାନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଆଜିର ସମୟରେ ପ୍ରାୟ ସମସ୍ତେ ମୋବାଇଲ ବିଶେଷକରି ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବାରୁ ସେଥିପାଇଁ ଇଣ୍ଟରନେଟ୍‌ର ସୁବିଧା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବିଗତ ବର୍ଷମାନଙ୍କରେ ରଥଯାତ୍ରା ସମୟରେ ପ୍ରାୟ ସମସ୍ତ ଟେଲିକମ୍ ସେବାର ନେଟ୍‌ୱର୍କର ସମସ୍ୟା ଦେଖାଦେଇଥାଏ। ଏପରି କି ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ ଅତ୍ୟାବଶ୍ୟକ ସମୟରେ ଯୋଗାଯୋଗରେ ବ୍ୟାଘାତ ସୃଷ୍ଟି ହେବାରୁ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏ ସବୁର ସମାଧାନ ପାଇଁ ସମସ୍ତ ଟେଲିକମ୍ ସେବାକୁ ଅଧିକ କ୍ରିୟାଶୀଳ କରାଯିବ। ଅଧିକ ଶକ୍ତି ସମ୍ପନ୍ନ ଟାୱାର ବ୍ୟବସ୍ଥା, ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଇବା ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ଟେଲିକମ୍ ସଂସ୍ଥାର ସମସ୍ୟା ଓ ସମାଧାନ ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସହଯୋଗରେ ରଥଯାତ୍ରା ସମୟରେ ପୁରୀକୁ କେତେ ଶ୍ରଦ୍ଧାଳୁ ଆସୁଛନ୍ତି, ଶ୍ରଦ୍ଧାଳୁମାନଙ୍କୁ ବିବିଧ ସୂଚନା ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରଦାନ, ଗତବର୍ଷ କେଉଁ କେଉଁ ସ୍ଥାନରେ ନେଟ୍‌ୱର୍କର ସମସ୍ୟା ରହୁଥିଲା ତାହାର ଚିହ୍ନଟ ସହ ନିରାକରଣ ବ୍ୟବସ୍ଥା, ବଡ଼ଦାଣ୍ଡରେ ଅଧିକ ଟାୱାର ବ୍ୟବସ୍ଥା ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ଶ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡାଙ୍କ ସମେତ ବିଭିନ୍ନ ଟେଲିକମ୍ ସେବାର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧ୍ୱଜା ବନ୍ଧା ପାଇଁ ଜାଲିଆତି କରି ଯାତ୍ରୀଙ୍କୁ ଠକେଇ

## ସେବକଙ୍କୁ କୈଫିୟତ୍ ତଲବ; ଥାନାରେ ଏତଲା

ପୁରୀ,୨ା୪(ସମିସ): ହାଇଦରାବାଦର ଜନୈକ ଯାତ୍ରୀ ଗତ ୧ ତାରିଖ ଦିନ ଜନୈକ ସେବକଙ୍କ ସହିତ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଆସି ଏକ ଜାଲ୍ ରସିଦ୍ ଦେଖାଇ ଶ୍ରୀମନ୍ଦିର ଚୂଡ଼ାରେ ଧ୍ୱଜା ବାନ୍ଧିବା ଦାବି କରିବାବେଳେ ଧାରାପଡ଼ିଥିଲେ। ଉକ୍ତ ରସିଦ୍ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ କଟାଯାଇ ନ ଥିବା ଶ୍ରୀମନ୍ଦିର ସୁପରଭାଇଜର ଯାଞ୍ଚ୍ କରି ଜାଣିପାରିଥିଲେ। ଏ ସମ୍ପର୍କରେ ଜାଲିଆତି ଜଣାପଡ଼ିବା ପରେ ସମ୍ପୃକ୍ତ ସେବକ ଜଣଙ୍କୁ ତିନିଦିନ ଭିତରେ କୈଫିୟତ ଦେବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଜାଲିଆତି କରିଥିବା ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସିଂହଦ୍ୱାର ଥାନାରେ ଏତଲା ମଧ୍ୟ ଦାଖଲ କରାଯାଇଛି।

## ଅଂଶୁଘାତ ପ୍ରଚାର ଓ ପ୍ରାଚୀର ପତ୍ର ଉନ୍ମୋଚିତ

ପୁରୀ,୨ା୪(ସମିସ): ଆଗକୁ ଆସୁଛି ପ୍ରବଳ ଖରା। ସତର୍କତା ଅବଲମ୍ବନ ନ କଲେ କେତେବେଳେ ହୁଏତ ଆପଣ ଅଂଶୁଘାତର ଶିକାର ହେବେ। ଏହି ମର୍ମରେ ପ୍ରତିବର୍ଷ ପରି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତଥା ଓଡ଼ିଶା ଯୁବ ଚେତନା ସଂଗଠନ, ମିଶନ ଓଡ଼ିଶା ଓ ନିର୍ମାଲ୍ୟ ସହଯୋଗରେ "ଅଂଶୁଘାତକୁ ସାବଧାନ' ଶୀର୍ଷକ ପ୍ରଚାର ଓ ପ୍ରାଚୀର ପତ୍ର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ପୁରୀ ପୌର ଅଧିକାରୀ ଅଭିମନ୍ୟୁ ବେହେରା ଉପସ୍ଥିତ ଥିବାବେଳେ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ନିର୍ମାଲ୍ୟ ସମ୍ପାଦକ ଡ. ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ। ଆଗାମୀ ୭ ଦିନ ମଧ୍ୟରେ ଅଜୟ ପ୍ରଧାନ, ଶିବରାମ ପ୍ରଧାନ ଓ ଦେବରାଜ ଦାସଙ୍କ ନେତୃତ୍ୱରେ ଏହି ପ୍ରଚାର ଓ ପ୍ରାଚୀର ପତ୍ର ପୁରୀ ସଦର ସମେତ ବ୍ରହ୍ମଗିରି ଓ ସତ୍ୟବାଦୀର ବିଭିନ୍ନ ଗ୍ରାମାଞ୍ଚଳରେ ବଣ୍ଟନ କରାଯିବ ବୋଲି ଶ୍ରୀ ମିଶ୍ର ଜଣାଇଛନ୍ତି।

## ୪୦ ମିଟର ଟାୱାର ଉପରୁ ଅଚେତ୍ ଯୁବକ ଉଦ୍ଧାର

ପୁରୀ,୨ା୪(ସମିସ): ୪୦ ମିଟର ଉଚ୍ଚତା ବିଶିଷ୍ଟ ମୋବାଇଲ ଟାୱାର ଉପରେ ରହିଗଲେ ୩ ଯୁବକ। ସେମାନଙ୍କ ଭିତରୁ ୨ ଜଣ ତଳକୁ ସୁରକ୍ଷିତ ଭାବେ ଓହ୍ଲାଇ ଆସିଥିବାବେଳେ ଆଉ ଜଣେ ଉପରେ ଚେତାଶୂନ୍ୟ ଅବସ୍ଥାରେ ରହିଯାଇଥିଲେ। ପରେ ଅଗ୍ନିଶମ ଅଧିକାରୀ ଅକ୍ଲାନ୍ତ ପରିଶ୍ରମ କରି ଦୀର୍ଘ ସମୟ ଧରି ଟାୱାର ଉପରେ ରହିଯାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ବ୍ୟକ୍ତି ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ପୋଲସରାର ୨୫ ବର୍ଷୀୟ ସର୍ବେଶ୍ୱର ବେହେରା। ଏହି ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ତିତିପ ଗାଁରେ। ଗୁରୁବାର ପୂର୍ବାହ୍ଣରେ ୩ ଜଣ ଯୁବକ କାମ କରିବା ପାଇଁ ୪୦ ମିଟର ଉଚ୍ଚତା ବିଶିଷ୍ଟ ମୋବାଇଲ ଟାୱାର ଉପରେ ଚଢ଼ିଥିଲେ। ହେଲେ ସର୍ବେଶ୍ୱର ଚେତାଶୂନ୍ୟ ଅବସ୍ଥାରେ ରହିଯାଇଥିଲେ। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ ଅଧିକାରୀ ଜୟନ୍ତ ଆଟୋଇ ଓ ଡି. କୁଅଁର ରଶି, ବଡି ହାର୍‌ନେସ ମାଧ୍ୟମରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।



## ୧୭ ଗ୍ୟାସ୍ ସିଲିଣ୍ଡର ଜବତ



ପୁରୀ,୨ା୪(ସମିସ): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଗ୍ୟାସ୍ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ଗୁରୁବାର ପୁରୀ ପୌରାଞ୍ଚଳ, ସଦର ବ୍ଲକ୍, ବ୍ରହ୍ମଗିରି ବ୍ଲକ୍, କଣାସ ବ୍ଲକ୍ ଓ କୃଷ୍ଣପ୍ରସାଦ ବ୍ଲକ୍‌ର ବିଭିନ୍ନ ଜାଗାରେ ଚଢ଼ଉ କରାଯାଇ ୧୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ପୂର୍ବରୁ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୫୬ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିଲା ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ସମୁଦ୍ରରୁ ୪ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨ା୪(ସମିସ): ପୁରୀ ସମୁଦ୍ରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଗାଧୋଇବା ବେଳେ ଲହଡ଼ି ମାଡ଼ରେ ହେଉ କି ବୁଡ଼ିଯାଇ ପର୍ଯ୍ୟଟକ ମୃତାହତ ହେଉଛନ୍ତି। ଏଇ କିଛିଦିନ ହେବ ରିପ୍ କରେଣ୍ଟ ଘାତକ ସାଜିଛି। ୩ ପର୍ଯ୍ୟଟକଙ୍କ ଜୀବନ ଯାଇଥିବାବେଳେ ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଛନ୍ତି। ହେଲେ ଲାଇଫ୍‌ଗାର୍ଡମାନେ ଦେବଦୂତ ସାଜି ସେମାନଙ୍କୁ ଉଦ୍ଧାର କରୁଛନ୍ତି। ଗୁରୁବାର ବି ୪ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ଚୈତନ୍ୟ ଛକ ସମ୍ମୁଖ ସେକ୍ଟର-୯ରେ ଗଞ୍ଜାମ ମୁନିଗୁଡ଼ାର ନାରାୟଣ ସାହୁ ଏବଂ ଝାଡ଼ଖଣ୍ଡର ସୋନୁ ତିୱାରୀ ଗାଧୋଇବା ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ି ଯାଉଥିଲେ। ଏହି ସମୟରେ ତାଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଥିଲେ। ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ଅପରାହ୍ଣ ପ୍ରାୟ ୩ଟା ୪୦ରେ ହୋଟେଲ କାମେଲିଆ ସମ୍ମୁଖ ସେକ୍ଟର-୧୩ରୁ ଲାଇଫ୍‌ଗାର୍ଡ ପଶ୍ଚିମବଙ୍ଗ ଚବିଶପ୍ରଗଣାର ଦୁଇଭାଇ ଅର୍ଣ୍ଣମ ଚକ୍ରବର୍ତ୍ତୀ (୧୨) ଏବଂ ଆର୍ଗ ଚକ୍ରବର୍ତ୍ତୀ(୭)ଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ

ପୁରୀ,୨ା୪(ସମିସ): ପୁରୀ ଡିଏଭି ପବ୍ଲିକ୍ ସ୍କୁଲର ୩୮ତମ ପ୍ରତିଷ୍ଠା ଦିବସ ଓ ଓଡ଼ିଶା ଦିବସ ସ୍କୁଲ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନା ମଙ୍ଗରାଜ ଉଦ୍‌ଘାଟନ କରିବା ସହିତ ଉତ୍କଳର ବୀରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳା ଅର୍ପଣ କରିଥିଲେ। ଏହା ପରେ ହବନ କାର୍ଯ୍ୟକ୍ରମ ଓ ଶିକ୍ଷକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅପରାହ୍ଣରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପତ୍ରିକା "ନୀଳଚକ୍ର' ଉନ୍ମୋଚନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୁରୀ ଡିଏଫ୍‌ଓ ମଗର ଧନାଜୀ ରାଓସୋ ଉପସ୍ଥିତ ଥିଲେ। ଅତିଥିମାନେ ବିଦ୍ୟାଳୟର ଗୌରବ ଓ ସମ୍ମାନକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଅଙ୍ଗନବାଡ଼ି କର୍ମୀ

ପୁରୀ,୨ା୪(ସମିସ): ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ତରଫରୁ ୧୨ ଦଫା ଦାବି ନେଇ ଗୁରୁବାର ପୁରୀ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯାଇଥିଲା। ଶ୍ରମିକ ବିରୋଧୀ କେନ୍ଦ୍ର ସରକାରଙ୍କ ୪ଟି ଶ୍ରମ କୋଡ୍‌କୁ ବାତିଲ୍ କରିବା, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ଲେଖାଏଁ ଭତ୍ତା ଦେବା, ଅବସରକାଳୀନ ସହାୟତା ତୁରନ୍ତ ପ୍ରଦାନ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବୈଠକ ପାଇଁ ଭତ୍ତା ଦେବା, ସତ୍ୟବାଦୀ ବ୍ଲକ୍‌ର ବାଘସାହି ଓ ଗୋପ ବ୍ଲକ୍‌ର ତାଳକପା କର୍ମୀଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବାତିଲ୍ କରିବା ପ୍ରଭୃତି ୧୨ ଦଫା ଦାବି ନେଇ ଅଙ୍ଗନବାଡ଼ି କର୍ମୀ ସଂଘର ଶହଶହ କର୍ମୀ ଓ ସହାୟିକା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପୁରୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରିଥିଲେ। ପ୍ରତିବାଦ ସଭାରେ କର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଜିଲ୍ଲା ନେତା ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ୱର୍ଣ୍ଣଲତା ପ୍ରଧାନ, ମାନସୀ ପ୍ରଧାନ, ଅହଲ୍ୟା କାଣ୍ଡି, କବିତା ବିଶ୍ୱାଳ, ସସ୍ମିତା ଶତପଥୀ, ରୋଜାଲିନ ମିଶ୍ର, ଜୟନ୍ତୀ ମଲ୍ଲିକ, ଏଆଇଟିୟୁସିର ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ମନୋରଞ୍ଜନ ପରିଡ଼ା, ହରିହର ସେନାପତି, ବନମାଳୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ୧୨ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।




## ଗୋ ସେବା କରି ଜନ୍ମଦିନ ପାଳନ

ପୁରୀ,୨ା୪(ସମିସ): ଗୋ ସେବା କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି ହାପିନେସ୍ ଫାଉଣ୍ଡେସନର କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ। ପ୍ରତିବର୍ଷ ଜନ୍ମଦିନରେ ସେ ଭିନ୍ନ ଢଙ୍ଗରେ ସେବା କାର୍ଯ୍ୟ କରିଆସୁଛନ୍ତି। ଷ୍ଟେସନ ରୋଡ୍ ନିକଟରେ ଥିବା ଉମିଦ୍ ଫାଉଣ୍ଡେସନର ଗୋ ସେବା ସଂସ୍ଥାନ ପରିସରରେ ଗୋ ମାତାଙ୍କ ପାଇଁ ଗୋ ଖାଦ୍ୟ ଓ ପନିପରିବା ବ୍ୟବସ୍ଥା କରିଛନ୍ତି। ପୂର୍ବବର୍ଷଗୁଡ଼ିକରେ ରକ୍ତଦାନ ଓ ବୃକ୍ଷରୋପଣ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି ସୌମ୍ୟରଞ୍ଜନ। ସେ ନିଜକୁ ନିରନ୍ତର ଭାବେ ବୃକ୍ଷରୋପଣ, ସ୍ୱଚ୍ଛତା, ରକ୍ତଦାନ ଓ ସଚେତନତା ଆଦି କାର୍ଯ୍ୟରେ ଜଡ଼ିତ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ହାପିନେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଓ ଉମିଦ୍ ଫାଉଣ୍ଡେସନର ସମ୍ପାଦକ ଦୀପକ ବେହେରା ପ୍ରମୁଖ ସୌମ୍ୟଙ୍କ ଏଭଳି ସେବା ମନୋବୃତ୍ତିକୁ ପ୍ରଶଂସା କରିଛନ୍ତି।



ବୀର କଳିଙ୍ଗ ପୁତ୍ର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଟାଇଟଲ୍ ଜିତିଲେ ଜଗନ୍ନାଥ ଖୁଣ୍ଟିଆ

ପୁରୀ,୨ା୪(ସମିସ): ପୁରୀ ଜିଲ୍ଲା ଆମେଚର ବଡି ବିଲ୍ଡର୍ସ ଆସୋସିଏସନ ପକ୍ଷରୁ ବୁଧବାର ଚତୁର୍ଥ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା "ବୀର କଳିଙ୍ଗ ପୁତ୍ର' ଅନୁଷ୍ଠିତ ହୋଇଯାଇଛି। ଟାଉନ ହଲ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ ବଡି ବିଲ୍‌ଡର୍ସ ଆସୋସିଏସନର ଉପଦେଷ୍ଟା ମନୋଜ ରଥ, ସମାଜସେବୀ ଡ. ଗୌରବ ରାଲହାନ, ପୁରୀ ଆସୋସିଏସନର ସଭାପତି ସତ୍ୟନାରାୟଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ୨୭ଟି ଜିଲ୍ଲାରୁ ୧୨୦ ଜଣ ପ୍ରତିଯୋଗୀ ଏଥିରେ ଭାଗନେଇ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ୫୫ରୁ ୧୦୦ କେଜି ମଧ୍ୟରେ ୧୦ଟି ଓଜନ ବର୍ଗ ଏବଂ ମେନ୍ସ ଫିଜିକ୍‌ର ଦୁଇଟି ବର୍ଗରେ ପ୍ରତିଯୋଗିତା ପରେ ଶୀର୍ଷ ଟାଇଟଲ୍ ପାଇଁ ଲଢ଼େଇ ହୋଇଥିଲା। ପ୍ରତିଯୋଗୀମାନେ ଚିତାକର୍ଷକ ପ୍ରଦର୍ଶନ କରିଥିଲେ। ତେବେ ବିଚାରକମାନେ

**୧ ଲକ୍ଷ ଟଙ୍କା ସହ ଟ୍ରଫି ହାସଲ କଲେ**

ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆଙ୍କୁ ବିଜୟୀ ଘୋଷଣା କରିବା ସହ ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ନଗଦ ରାଶି, ଟ୍ରଫି ଓ ପଦକ ପ୍ରଦାନ କରିଥିଲେ। ଏଥିରେ ରନର୍ସଅପ୍ ହୋଇଥିବା ରଶ୍ମିରଞ୍ଜନ ସାହୁଙ୍କୁ ୫୦ ହଜାର ଟଙ୍କା, ଟ୍ରଫି, ପଦକ ପ୍ରଦାନ କରାଯାଇଥିଲା। ମେନ୍ସ ଫିଜିକ୍ ବର୍ଗରେ ପୁରୀର ନରହରି ସାହୁ ବିଜେତା ହୋଇ ୩୦ ହଜାର ଟଙ୍କା ଓ ଟ୍ରଫି ହାସଲ କରିଥିଲେ। ସାଂସଦ ସମ୍ବିତ୍ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, କ୍ରାଇମ୍‌ବ୍ରାଞ୍ଚ ଡିଆଇଜି ସତ୍ୟଜିତ୍ ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପଦକ, ପ୍ରମାଣ ପତ୍ର, ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନେ ମିଷ୍ଟର ଏସିଆ ଓ ମିଷ୍ଟର ୱାର୍ଲ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବେ।

ପୁରୀ ଆସୋସିଏସନର ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ସାହୁ, ଉପସଭାପତି ପଙ୍କଜ ପ୍ରତିହାରୀ, ଉପସଭାପତି ବାସୁଦେବ ପ୍ରତିହାରୀ, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପ୍ରତିହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ବିଜୟକୃଷ୍ଣ ବ୍ରହ୍ମା, ବିଶ୍ୱରଞ୍ଜନ କର, ଅଜୟ ମହାପାତ୍ର, ଅଶୋକ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଜଗନ୍ନାଥ ନନ୍ଦ, ସୁବାସ ଗୁରୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



